# ଭା.କୃ.ଅନୁ.ପ.- ଭାରତୀୟ ଜଳ ପ୍ରବନ୍ଧନ ସଂସ୍ଥାନ, ଭୁବନେଶ୍ୱର

## COVID-19 ସଂକ୍ରମଣ ପରିପ୍ରେକ୍ଷୀରେ କୃଷକ ମାନଙ୍କ ପାଇଁ ଜୁଲାଇ ମାସର କୃଷି ଉପଦେଶନାମା

### ୧ . ସ୍ୱାସ୍ଥ୍ୟ ରକ୍ଷା ଯତ୍ନ

- ସବୁ ପ୍ରକାର କୃଷି କାର୍ଯ୍ୟ ସମ୍ପାଦନ ସମୟରେ ୧ ରୁ ୨ ମିଟର ସାମାଜିକ ଦୂରତ୍ୱ ବଜାୟ ରଖିବା ଅନିର୍ବାଜ୍ୟ ।
- କୃଷି କାର୍ଯ୍ୟ ସମୟରେ ମୁହଁରେ ମାସ୍କ ବ୍ୟବହାର କରନ୍ତୁ । ଓଢଣୀ, ଗାମୁଛା, ଟାୱେଲ ଓ ଅନ୍ୟ କୌଣସି କପଡାରେ ନାକ ଓ ମୁହଁକୁ ଘୋଡାଇ ଦିଅନ୍ତୁ । ମାସ୍କକୁ ଥରେ ବ୍ୟବହାର ପରେ ସାବୁନରେ ଧୋଇ ପୁଣି ବ୍ୟବହାର କରିପାରିବେ ।
- କୃଷି ଯନ୍ତ୍ରପାତି ଗୁଡିକ ବ୍ୟବହାର ପୂର୍ବରୁ ଓ ପରେ ୩ ପ୍ରତିଶତ ବ୍ଲିଚିଙ୍ଗ ପାଉଡର ଦ୍ରବଣରେ ବିଶୋଧନ କରନ୍ତୁ ।
- କୃଷି ଯନ୍ତ୍ରପାତି ଗୁଡିକ ବ୍ୟବହାର ପରେ ଟାଣ ଖରାରେ ରଖିଲେ ଜୀବାଣୁ ମୁକ୍ତ ହୋଇପାରିବ ।
- ହାତକୁ ଭଲ ଭାବେ ସାବୁନରେ ଧୁଅନ୍ତୁ ଓ ଆଙ୍ଗୁଳିରେ ନାକ ଓ ମୁହଁକୁ ସ୍ପର୍ଶ କରନ୍ତୁ ନାହିଁ ।
- ବାହାରୁ ଘରକୁ ଫେରିଲା ବେଳେ, ପିନ୍ଧିଥିବା ପୋଷାକପତ୍ର ଘର ବାହାରେ ରଖିବା ଉଚିତ । ହାତ ସାବୁନ କିମ୍ବା ବିଶୋଧକରେ ନ ଧୋଇ ଘରେ ଅନ୍ୟାନ୍ୟ ଜିନିଷ ସ୍ପର୍ଶ କରିବା ଅନୁଚିତ ।
- ମୋବାଇଲ ଫୋନ୍ ରେ "ଆରୋଗ୍ୟ ସେତୁ" ଆପ ଡାଉନଲୋଡ କରନ୍ତୁ, ଯଦ୍ୱାରା ଆପଣ କରୋନା ସମ୍ପର୍କିତ ବିଭିନ୍ନ ସୂଚନା ମାଗଣାରେ ପାଇ ପାରିବେ ।
- କାମ ବ୍ୟତୀତ ବାହାରେ ବୁଲନ୍ତୁ ନାହିଁ । ଘର ଭିତରେ ରହିବା ନିରାପଦ ।
- ସମସ୍ତେ ନିଜ ନିଜ ଖାଦ୍ୟ ଓ ଜଳ ଅଲଗା ଆଣିବା ଆବଶ୍ୟକ । ଖାଇବା ସମୟରେ ଛାଡି ଛାଡି ହୋଇ ବସନ୍ତୁ ଓ ଖାଦ୍ୟ ମିଶିକରି ଖାଆନ୍ତୁ ନାହିଁ ।
- ବିଲରେ କାମ କରିବା ସମୟରେ ଚାଷୀ ଭାଇ / ଭଉଣୀ ମାନେ ଟୋପି କିମ୍ବା ଗାମୁଛା ବାନ୍ଧିଲେ ଅଂଶୁଘାତ ଜନିତ ଦୁର୍ଘଟଣାରୁ ନିଶ୍ଚିତ ରୂପେ ରକ୍ଷା ପାଇପାରିବେ ।
- ଚାଷୀ ଭାଇ ଭଉଣୀମାନେ ନିଜର କୃଷି ସାମଗ୍ରୀକୁ ରାଷ୍ଟ୍ରୀୟ କୃଷି ବଜାର (e-NAM) ପୋର୍ଟାଲ ମାଧମରେ ବିକ୍ରି କରି ପାରିବେ ।

### ୨. ଜଳବାୟୁ ସମ୍ପର୍କିତ ସୂଚନା

- ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି କରାଯାଉଥିବା ବର୍ଷା ଆଗମନ ସୂଚନା ଓ ଅନ୍ୟାନ୍ୟ ପାଗ ବିବରଣୀ ଟିଭି, ରେଡିଓ ଏବଂ ଖବର କାଗଜ ମାଧ୍ୟମରୁ ପ୍ରାପ୍ତ କରନ୍ତୁ ।

### ୩. ଜଳସେଚନ ଭିତ୍ତିଭୂମି ବିକାଶ ଓ ରକ୍ଷଣାବେକ୍ଷଣ

- ବର୍ଷା ଜଳ ସଂରକ୍ଷଣ ପାଇଁ କୃଷକ ଭାଇ ଜମିର ବନ୍ଧ ବାଡକୁ ମରାମତି କରନ୍ତୁ । ପୁରୁଣା ପୋଖରୀରୁ ପଙ୍କ ଉଦ୍ଧାର ସହିତ ଘାସ ବାହାର କରି ଦିଅନ୍ତୁ ।
- ପୋଖରୀ ହୁଡାକୁ ମରାମତି କରନ୍ତୁ ଓ ତାକୁ ସଫା କରନ୍ତୁ । ହୁଡାରେ ଲଗାଯାଇଥିବା ଉଦ୍ୟାନ ଫସଲରେ ଜୈବିକ ଖତ/ସାର ପ୍ରୟୋଗ କରନ୍ତୁ । କେନାଲର ବନ୍ଧ ମରାମତି କରନ୍ତୁ । କେନାଲରୁ ପୋଖରୀକୁ ବିନା ଅପଚୟରେ ଜଳ ଆଗମନ ପାଇଁ ଉଦିଷ୍ଟ ଜଳସେଚନ ନାଳକୁ ମରାମତି କରନ୍ତୁ ।
- ମାଟି କିମ୍ବା ଘାସ ଦ୍ୱାରା ସମୋଚ୍ଚ ରେଖା ବନ୍ଧ ଓ ବିଲ ବନ୍ଧକୁ ସୁଦୃଢୀକରଣ କରନ୍ତୁ । ବନ୍ଧ ବାଡ ସବୁ ମରାମତି କରି ଦିଅନ୍ତୁ ।
- ଜଳ ଉପଭୋକ୍ତା ସଂଘ, କେନାଲ ବନ୍ଧ ମରାମତି, ଘାସ ନିରାକରଣ ଓ ଉଠା ଜଳସେଚନ ପଏଣ୍ଟର ଜଳସେଚନ ନାଳ ବନ୍ଧ ମରାମତି କରିବା ଉଚିତ ।
- ସବୁ ପ୍ରକାର କୂଅକୁ ସଫା ସୁତୁରା କରି ତା ମଧ୍ୟରୁ ପଙ୍କ ଉଦ୍ଧାର କରନ୍ତୁ । ଏହା ଦ୍ୱାରା ଅଧିକ ଜଳ ଅମଳ ହୋଇ ପାରିବ ଓ ଜଳର ଗୁଣବତ୍ତା ବୃଦ୍ଧି ପାଇବ ।
- ମୌସୁମୀ ଆସିବା ପୂର୍ବରୁ ସବୁ ଜଳ ନିଷ୍କାସନ ନାଳରୁ ଘାସ ଓ ପଙ୍କ ଉଦ୍ଧାର କରି ନିଅନ୍ତୁ, ଯାହା ଦ୍ୱାରା ଜଳ ନିଷ୍କାସନ କ୍ଷମତା କମିବ ନାହିଁ ।

## ୪. କ୍ଷେତ୍ର ପ୍ରସ୍ତୁତି

- ଧାନ କିଆରିରେ ଧନିଚା ଓ ସନହେମ୍ପକୁ  ସବୁଜ ସାର ହିସାବରେ ମାଟିରେ ମିଶାଇ ଦିଅନ୍ତୁ ।
- ବୁଣାଧାନ ପାଇଁ ଶେଷ ଓଡ ଚାଷ ସମୟରେ ଗୋବର ଖତ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ । ହେକ୍ଟର ପିଛା ୩୦ କିଲୋଗ୍ରାମ ଫସଫରସ  ସାର ଓ ୨୦ କିଲୋଗ୍ରାମ ପଟାସ ସାର ମୂଳସାର ହିସାବରେ ପ୍ରୟୋଗ କରନ୍ତୁ ।
- ଖରିଫ ଧାନ ଚାଷ ପାଇଁ ବିଲ ଅନୁସାରେ ଧାନ କିସମ ଚୟନ କରନ୍ତୁ । କିଆରି ବନ୍ଧର ମରାମତି କରନ୍ତୁ ଓ ବର୍ଷାଜଳ ସଂରକ୍ଷଣ ପାଇଁ କିଆରି ହୁଡାର ଉଚ୍ଚତା ବଜାୟ ରଖନ୍ତୁ ।
- ଧାନ ରୋଇବା ପୂର୍ବରୁ ମଇ ଦ୍ଵାରା ଜମିକୁ ସମତଳ କରି ଦିଅନ୍ତୁ ଯାହାଦ୍ଵାରା ଜମିରେ ଜଳକୁ ଏକ ଉଚ୍ଚତାରେ ରଖାଯାଇପାରିବ ।
- କପା, ଆଳୁ, ମକା, ପନିପରିବା ଓ ଡାଲିଜାତୀୟ ଫସଲ କିଆରିରୁ ଅତ୍ୟଧିକ ଜଳ ନିଷ୍କାସନ ପାଇଁ ନାଳର ବ୍ୟବସ୍ଥା କରନ୍ତୁ ।

## ୫. ଫସଲ ପରିଚାଳନା

- ଧାନ ବିହନ ବିଶୋଧନ ନିମିତ୍ତ ୧୦ କିଲୋଗ୍ରାମ ଧାନ ବିହନକୁ  ୫ ଗ୍ରାମ ଏମିସାନ + ୧ ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ କିମ୍ବା ୫ ଗ୍ରାମ ଏମିସାନ + ୨.୫ ଗ୍ରାମ ଆଗ୍ରୋମାଇସିନ ବିଶୋଧକ ସହିତ ୧୦ ଲିଟର ପାଣିରେ ୨୪ ଘଣ୍ଟା ବତୁରାଇ ରଖନ୍ତୁ ।
- ଧାନ ତଳିଘେରା ପାଇଁ ୩ ଫୁଟ ଚଉଡା ଓ ୬ ଇଞ୍ଚ ଉଚ୍ଚତା  ଏବଂ ଲମ୍ବ ସୁବିଧା ଅନୁସାରେ, ପଟାଳି ପ୍ରସ୍ତୁତ କରନ୍ତୁ । ଦୁଇଟି ପଟାଳି ମଧ୍ୟରେ ଜଳ ନିଷ୍କାସନ ପାଇଁ ନାଳ ରଖନ୍ତୁ ।  ଆବଶ୍ୟକ ମୁତବକ ଖତ ସାର ପ୍ରୟୋଗ କରନ୍ତୁ । ହେକ୍ଟର ପିଛା ୩୦ – ୪୦ କିଲୋଗ୍ରାମ ଧାନ ବିହନ ବୁଣନ୍ତୁ ।
- ଧାନ ବିହନରୁ ଭଲ ଗଜା ବାହାରିବା ଓ କମ ସମୟରେ ତଳିଘେରା ପ୍ରସ୍ତୁତି ପାଇଁ ବିହନକୁ  ଝୋଟ ଅଖାରେ ପୁରାଇ ହାଲୁକା ଗରମ ପାଣି ପ୍ରୟୋଗ କରନ୍ତୁ ।
- ବୁଣାଧାନ ପାଇଁ ଭଲ କିସମ ବାଛନ୍ତୁ ଓ ହେକ୍ଟର ପିଛା ୩୦ କିଲୋଗ୍ରାମ ବିହନ ବୁଣନ୍ତୁ ।
- ଅଣଧାନ ଫସଲ ଯଥା ମକା, ଝୁଡଙ୍ଗ, ହରଡ, ବିରି, ମାଣ୍ଡିଆ, ଚିନାବାଦାମ, ରାଶି, ଡଙ୍ଗର ରାଣୀ, ଜଡା, ବୋଇତାଳୁ, କନ୍ଦମୂଳ, ଭେଣ୍ଡି, ବାଇଗଣ, ଓ ଗୁଆର ପ୍ରଭୃତିକୁ ଢିପ ଜମିରେ ଲଗାନ୍ତୁ ଯେଉଁଠି ବର୍ଷା ଜଳ ଜମିବାର ସମ୍ଭାବନା ନ ଥିବ ।
- ସପୁରୀକୁ ଉଚ୍ଚା ବେଡରେ ଧାଡି ଧାଡି ମଧ୍ୟରେ ୪୫ ସେଣ୍ଟିମିଟର, ଗଛ ଗଛ ମଧ୍ୟରେ ୩୦ ସେଣ୍ଟିମିଟର ଦୂରତାରେ ଲଗାନ୍ତୁ ।
- ଟ୍ରେଲି ସିଷ୍ଟମରେ କାଙ୍କଡ ଲଗାଇବାର ଏହା ଉପଯୁକ୍ତ ସମୟ ।
- ଏହି ମାସରେ ସବୁଦିନିଆ ଫଳ ଗଛ ଯଥା ଆମ୍ବ, ପିଜୁଳି, ସପେଟା, ନଡିଆ, ଓ ଆତ ପ୍ରଭୃତିକୁ ଆବଶ୍ୟକତା ମୁତାବକ ଖତ ସାର ପ୍ରୟୋଗ କରନ୍ତୁ ।
- ବର୍ଜ୍ୟଜଳକୁ ଫସଲରେ ଜଳସେଚନ ପାଇଁ ବ୍ୟବହାର କରନ୍ତୁ ନାହିଁ । ଏହାକୁ ବିଶୋଧନ କରିବା ପାଇଁ ୪ - ୫ ଗ୍ରାମ ବ୍ଲିଚିଙ୍ଗ ପାଉଡର ପ୍ରତି ୧୦୦୦ ଲିଟର ପାଣି ହିସାବରେ ପ୍ରୟୋଗ କରନ୍ତୁ ଓ ଏହାକୁ ୪୮ ଘଣ୍ଟା ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ । ତା ପରେ ସେହି ଜଳକୁ ଜଳସେଚନ ପାଇଁ ବ୍ୟବହାର କରନ୍ତୁ ।

## ୬. ଗୃହପାଳିତ ପଶୁ ମାନଙ୍କ ଯତ୍ନ

- ପଶୁର ଝାଡା ପରୀକ୍ଷା ଅନୁସାରେ କୃମି ନାଶକ ଔଷଧ ଖାଇବାକୁ ଦିଅନ୍ତୁ । ଯଦି ଝାଡା ପରୀକ୍ଷାର ସୁବିଧା ନ ଥାଏ, ତା ହେଲେ ସର୍ବନାଶୀ କୃମି ନାଶକ ଯଥା ଆଲବେଣ୍ଡାଜୋଲ + ଇଭରମେକଟିଙ୍ଗ ଦିଅନ୍ତୁ ।
- ଛେଳି ଓ ମେଣ୍ଢାଙ୍କୁ ଏଣ୍ଟେରୋଟକସେମିଆ ଟୀକା ଦିଅନ୍ତୁ ।
- ଗାଇ ଓ ମଇଁଷି ମାନଙ୍କୁ  HS, BQ ଏବଂ FMD ଟୀକା ଦିଅନ୍ତୁ ।
- ପଶୁ ମାନଙ୍କୁ କାଦୁଅ ବା ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ । ବନ୍ୟା ପ୍ରଭାବିତ ଅଞ୍ଚଳରେ ବନ୍ୟା ଅପସାରଣ ପରେ ଗୃହପାଳିତ ପଶୁଙ୍କୁ  ମାଟି ଲଗା ଘାସ ଖାଇବାକୁ ଦିଅନ୍ତୁ ନାହିଁ । ଘାସକୁ କାଟି ଭଲ ପାଣିରେ ଧୋଇବା ପରେ ଖାଇବାକୁ ଦିଅନ୍ତୁ ।
- ବନ୍ୟା ପ୍ଳାବିତ ଅଞ୍ଚଳରେ ଗୃହପାଳିତ ପଶୁ ମାନଙ୍କ ପାଇଁ ପ୍ରଚୁର ମାତ୍ରାରେ ଶୁଖିଲା ଖାଦ୍ୟ (ନଡା, ବୋତି, ଇତ୍ୟାଦି) ଓ ଦାନା ବନ୍ୟା ଆଗରୁ ମହଜୁଦ କରି ରଖନ୍ତୁ ।